# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969–2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVI   YEAR OF OUR LORD JESUS CHRIST, 2024 OCTOBER   No.08


## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ହିତୋପଦେଶ ୧୩:୧–୧୦)

୧ ଜ୍ଞାନବାନ ପୁତ୍ର ଆପଣା ପିତାର ଉପଦେଶ ଶୁଣେ; ମାତ୍ର ନିନ୍ଦକ ଅନୁଯୋଗ ଶୁଣେ ନାହିଁ ।

୨ ମନୁଷ୍ୟ ଆପଣା ମୁଖର ଫଳ ଦ୍ୱାରା ମଙ୍ଗଳ ଭୋଗ କରେ; ମାତ୍ର ବିଶ୍ୱାସଘାତକର ପ୍ରାଣ ଦୌରାତ୍ମ୍ୟ ଭୋଗ କରେ ।

୩ ଯେଉଁ ଲୋକ ଆପଣା ମୁଖରେ ପ୍ରହରୀ ରଖେ, ସେ ଆପଣା ପ୍ରାଣ ରକ୍ଷା କରେ; ମାତ୍ର ଯେକେହି ଆପଣା ଓଷ୍ଠାଧର ବଡ଼ କରି ଫିଟାଏ, ତାହାର ବିନାଶ ହେବ ।

୪ ଅଳସୁଆ ମନରେ ବାଞ୍ଛା କଲେ ହେଁ କିଛି ପାଏ ନାହିଁ, ମାତ୍ର କର୍ମଶୀଳ ପ୍ରାଣ ହୃଷ୍ଟପୁଷ୍ଟ ହେବ ।

୫ ଧାର୍ମିକ ଲୋକ ମିଥ୍ୟାକୁ ଘୃଣା କରେ; ମାତ୍ର ଦୁଷ୍ଟ ଲୋକ ଦୁର୍ଗନ୍ଧ ସ୍ୱରୂପ, ଆଉ ସେ ଲଜ୍ଜା ଭୋଗ କରେ ।

୬ ଧାର୍ମିକତା ସରଳ–ପଥଗାମୀକି ରକ୍ଷା କରେ; ମାତ୍ର ଦୁଷ୍ଟତା ପାପୀକି ଓଲଟାଇ ପକାଏ ।

୭ କେହି ଆପଣାକୁ ଧନୀ ଦେଖାଏ, କିନ୍ତୁ ତାହାର କିଛି ହିଁ ନାହିଁ; କେହି ବା ଆପଣାକୁ ଦରିଦ୍ର ଦେଖାଏ, କିନ୍ତୁ ତାହାର ମହାଧନ ଅଛି ।

୮ ମନୁଷ୍ୟର ଧନ ତାହାର ପ୍ରାଣର ପ୍ରାୟଶ୍ଚିତ୍ତ ସ୍ୱରୂପ; ମାତ୍ର ଦରିଦ୍ର ଲୋକ ଧମକ ଶୁଣେ ନାହିଁ ।

୯ ଧାର୍ମିକର ଦୀପ୍ତି ଆନନ୍ଦ କରେ; ମାତ୍ର ଦୁଷ୍ଟମାନଙ୍କର ପ୍ରଦୀପ ନିଭାଯିବ ।

୧୦ ଅହଙ୍କାରରୁ କେବଳ କଳି ଉତ୍ପନ୍ନ ହୁଏ; ମାତ୍ର ସୁପରାମର୍ଶ–ଗ୍ରାହକଠାରେ ଜ୍ଞାନ ଅଛି ।

## ଆମର ଚିନ୍ତାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ : ଅନୁଚିନ୍ତା

~ ଦାଉଦଙ୍କଠାରୁ

Our Thoughts Matter : Reflection - From David

(ସମ୍ମାନୀୟା, ମୁଖ୍ୟ ସଂପାଦିକା, ରେଭ୍. ଆଞ୍ଜେଲାଇନ୍ ସେଲ୍ଭାକୁମାରୀ)



**ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ଅତୁଳନୀୟ ନାମରେ ସମସ୍ତଙ୍କୁ ଅଭିବାଦନ !**

ପ୍ରତି ମାସ ଏହି ପତ୍ରିକା ମାଧ୍ୟମରେ ଆମ **'ଆହ୍ୱାନର ପ୍ରତିଧ୍ୱନି'** ସଂପ୍ରସାରିତ ପରିବାରର ସଦସ୍ୟମାନଙ୍କ ସହିତ ସଂଯୁକ୍ତ ହେବା ଦ୍ୱାରା ମୁଁ ଅତି ଆନନ୍ଦିତ ହୁଏ । ପ୍ରଭୁ ଆମ ଜୀବନରେ ତାଙ୍କର ଉଦ୍ଦେଶ୍ୟ ସଫଳ କରି ଓ ତାଙ୍କ ପ୍ରତ୍ୟାବର୍ତ୍ତନ ନିମନ୍ତେ ଆମକୁ ପ୍ରସ୍ତୁତ କରି ନିରନ୍ତର ଆମକୁ ଚାଳନା ଓ ନେତୃତ୍ୱ ଦିଅନ୍ତୁ ।

ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ପ୍ରତିଷ୍ଠାତା ଜନକ ଭାବରେ ପରିଚିତ ସମ୍ମାନୀୟ ବେଞ୍ଜାମିନ୍ ଫ୍ରାଙ୍କ୍ଲିନ୍ ଥରେ କହିଥିଲେ, ''ଯଦି ଆପଣ ଯୋଜନା କରିବାରେ ବିଫଳ ହୁଅନ୍ତି, ତେବେ ଆପଣ ବିଫଳ ହେବା ପାଇଁ ଯୋଜନା କରୁଛନ୍ତି ।'' ଏଗୁଡ଼ିକ ଅତି ଗଭୀର ଓ ପ୍ରଭାବଶାଳୀ ବାକ୍ୟ ଅଟେ । ଯୋଜନା କରିବା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ ।

କେତେକ ବ୍ୟକ୍ତି ଉଭୟ ଯୋଜନା କରିବାରେ ଓ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଉତ୍କୃଷ୍ଟ ଅଟନ୍ତି ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




ଆହ୍ୱାନର ପ୍ରତିଧ୍ୱନିର

ୟୁ–ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍ଭାରାଜ୍‌ଙ୍କ ସହିତ ପ୍ରାର୍ଥନା କରିବାର ଏକ ସୁଯୋଗ ପାଇବେ ।

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ


ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

* Please Subscribe and Share *

ECHO OF HIS CALL - (1969-2019 GOLDEN JUBILEE YEAR)

# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

REACHING NATIONS





## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
HON. MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858 95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

**"ସଦାପ୍ରଭୁ ତୁମ୍ଭମାନଙ୍କ ନିମନ୍ତେ ଯୁଦ୍ଧ କରିବେ, ତୁମ୍ଭେମାନେ ନୀରବ ରହିବ" (ଯାତ୍ରା ୧୪:୧୪) ।**

## ପ୍ରିୟ ବନ୍ଧୁଗଣ,

ଆମେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କର ଅତୁଳନୀୟ ନାମରେ ଅଭିବାଦନ ଜଣାଉଅଛୁ । ଆମେ ପାଳକ ଏସ୍.ସାମ. ସେଲ୍‌ଭାରାଜଙ୍କ ଆତ୍ମା-ଜୀବନୀ ପ୍ରସ୍ତୁତ କରିବା କାର୍ଯ୍ୟରେ ଅଛୁ । ଯଦି ଆପଣମାନେ ବିଗତ ୫୫ ବର୍ଷ ଧରି 'ଆହ୍ୱାନର ପ୍ରତିଧ୍ୱନି' ସେବାକାର୍ଯ୍ୟ ଦ୍ୱାରା ଆଶୀର୍ବାଦ ପାଇଛନ୍ତି ଓ ଯଦି ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ସେବାକାର୍ଯ୍ୟ ମାଧ୍ୟମରେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଏକ ଉଲ୍ଲେଖନୀୟ ସାକ୍ଷାତ୍ ପାଇଛନ୍ତି, ତେବେ ଆମେ ଆପଣମାନେ ଆମକୁ ଆପଣମାନଙ୍କର ଅନୁଭୂତି ଜଣାଇ ପାରିବେ ଯାହାକୁ ଆମେ ଏହି ଆତ୍ମ-ଜୀବନୀରେ ଅନ୍ତର୍ଭୁକ୍ତ କରିବୁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

ଆମେ ୨୦୨୪ର ଶେଷଭାଗରେ ପହଞ୍ଚିବା ସମୟରେ, ଈଶ୍ୱର ଆମକୁ ଯୋଗାଇଥିବା ଅକଥନୀୟ ଓ ଅବର୍ଣ୍ଣନୀୟ ସମୟୋପଯୋଗୀ ସାହାଯ୍ୟ ନିମନ୍ତେ ତାଙ୍କ ପ୍ରତି ଆମର କୃତଜ୍ଞତା ପ୍ରକାଶ କରିବା ପାଇଁ ଆପଣମାନଙ୍କ ସହିତ ହାତ ମିଳାଉଅଛୁ । ଅନେକ ସମୟରେ ସେ ଆମର ସେବାକାର୍ଯ୍ୟକୁ ସହାୟତା ପ୍ରଦାନ କରିବା ପାଇଁ ଆପଣମାନଙ୍କୁ ବ୍ୟବହାର କରିଛନ୍ତି । ସେହି ଈଶ୍ୱର, ଯୀଶୁ ଖ୍ରୀଷ୍ଟ ଆଜି ଆପଣମାନଙ୍କ ନିକଟରେ ମଧ ଉପଲବ୍ଧ ଅଟନ୍ତି, ସେଥିପାଇଁ ଆପଣମାନେ ତାଙ୍କଠାରେ ବିଶ୍ୱାସ କରିପାରନ୍ତି ଓ ଆପଣମାନଙ୍କ ନିଜସ୍ୱ ଜୀବନରେ ଏକ ଆଶ୍ଚର୍ଯ୍ୟକର୍ମ ନିମନ୍ତେ ତାଙ୍କ ଉପରେ ନିର୍ଭର କରିପାରନ୍ତି ।

ଏହି ସଂଖ୍ୟା ମାଧ୍ୟମରେ, ଆମେ ଆମ ସେବାକାର୍ଯ୍ୟର ନିମ୍ନଲିଖିତ କ୍ଷେତ୍ର ପାଇଁ ଆପଣମାନଙ୍କର ଉଦ୍‌ଯୋଗପୂର୍ଣ୍ଣ ପ୍ରାର୍ଥନା ଆବଶ୍ୟକ କରୁଅଛୁ ।

- ପ୍ରତି ମାସ ୧୬ଟି ଭାଷାରେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ପ୍ରକାଶ କରିବା କାର୍ଯ୍ୟରେ ପ୍ରାୟ ୭୫ ଜଣ ବ୍ୟକ୍ତି ଅନ୍ତର୍ଭୁକ୍ତ ଅଛନ୍ତି । ସେମାନଙ୍କ ଦାୟିତ୍ୱ ମଧ୍ୟରେ ରହିଛି, ବାର୍ତ୍ତାଗୁଡ଼ିକୁ ପ୍ରସ୍ତୁତ କରିବା, ଟାଇପ କରିବା, ଅନୁବାଦ କରିବା, ପ୍ରୁଫ୍ ରିଡ଼ିଙ୍ଗ କରିବା, ପେଜ୍ ଲେ-ଆଉଟ କରିବା, ମେସିନ୍ ପ୍ରିଣ୍ଟିଂ କରିବା, ହାତରେ ଭାଙ୍ଗିବା, ଠିକଣା ଲେଖିବା ଓ ନିର୍ଦ୍ଦିଷ୍ଟ ତାରିଖରେ ଡାକ ଖାନାରେ ପତ୍ରିକାଗୁଡ଼ିକୁ ପହଞ୍ଚାଇବା ଓ ଇ-ମେଲ୍ ସବୁ ପ୍ରେରଣ କରିବା । ଏଇ ନିକଟରେ, ସେବାକାର୍ଯ୍ୟ ବୃଦ୍ଧି ପାଉଥିବା ସମୟରେ, ଶତ୍ରୁ ଏହି ଭାଇ ଓ ଭଉଣୀମାନଙ୍କ ଉପରେ ଲକ୍ଷ୍ୟ ରଖି ଅସୁସ୍ଥତା, ପାରିବାରିକ ସମସ୍ୟା ଓ ଅର୍ଥନୈତିକ ଅସୁବିଧା ମାଧ୍ୟମରେ ସେମାନଙ୍କୁ ବିବ୍ରତ କରିବା ପାଇଁ ଉଦ୍ୟମ କରୁଅଛି । ଦୟାକରି ଏହି ୭୫ ଜଣ ସଦସ୍ୟଙ୍କୁ ଓ ସେମାନଙ୍କ ପରିବାରଗୁଡ଼ିକୁ ଆପଣମାନଙ୍କ ପ୍ରାର୍ଥନାରେ ସ୍ମରଣ କରନ୍ତୁ ।
- ସମୟ ଅତିକ୍ରାନ୍ତ ହେବା ସମୟରେ, କର୍ମଚାରୀଙ୍କ ମାନସିକତା, ସରକାରୀ ନିୟମ ଓ ଆମର ବନ୍ଧୁମାନଙ୍କଠାରୁ ଅର୍ଥ ସାହାର୍ଯ୍ୟରେ ହ୍ରାସ ଯୋଗୁ ପରିଚାଳନା ସମ୍ବନ୍ଧୀୟ ଆହ୍ୱାନଗୁଡ଼ିକ ବୃଦ୍ଧି ପାଇଅଛି । ବର୍ତ୍ତମାନ ସମୟର ଅନେକ ବିଶ୍ୱାସୀ ସମୃଦ୍ଧି, ପ୍ରଚୁର ଧର୍ମତତ୍ତ୍ୱ ଓ ଆଧ୍ୟାତ୍ମିକ ଜୀବନର ଆକର୍ଷଣ ଦ୍ୱାରା ଭାସି ଯାଇ ଈଶ୍ୱରଙ୍କ ବାସ୍ତବ ଦାସମାନଙ୍କ ପ୍ରତି ଅବହେଳା କରୁଛନ୍ତି । ଆମେ ପ୍ରକୃତରେ ଏହି ପରିସ୍ଥିତି ଦ୍ୱାରା ପ୍ରଭାବିତ ହେଉଅଛୁ, ମାତ୍ର ଆମର ଈଶ୍ୱର ତାଙ୍କର ସମସ୍ତ ଦାସ ଓ ସେବାକାର୍ଯ୍ୟଗୁଡ଼ିକର ଯତ୍ନ ନେବାରେ ବିଶ୍ୱସ୍ତ ରହିଛନ୍ତି । ଦୟାକରି ଏହି ପରିସ୍ଥିତିର ଏକ ପରିବର୍ତ୍ତନ ନିମନ୍ତେ ପ୍ରାର୍ଥନା କରନ୍ତୁ ।
- ଆମର ମଣ୍ଡଳୀଗୁଡ଼ିକ, ନିହିମିୟା ବାଇବଲ କଲେଜ, ଥିଓଲୋଜିକାଲ୍ କରେସପଣ୍ଡେସ ପାଠ୍ୟକ୍ରମ, ବାଇବଲ କୋର୍ - ବାଇବଲ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ, ୟୁ-ଟ୍ୟୁବ୍ ସେବାକାର୍ଯ୍ୟ, ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ଓ ପ୍ରିଣ୍ଟିଂ ପ୍ରେସ୍ ଇତ୍ୟାଦି ଦକ୍ଷତାର ସହିତ କାର୍ଯ୍ୟ କରୁଛନ୍ତି, କିନ୍ତୁ ଏହି ସମସ୍ତ ଉଦ୍ୟମ ପାଇଁ ଆଧ୍ୟାତ୍ମିକ ଓ ଅର୍ଥନୈତିକ ଉତ୍ସାହ ଆବଶ୍ୟକ ଅଟେ ।
- ଆମେ ଆମର ସମସ୍ତ ମିଶନ କ୍ଷେତ୍ର, ମଣ୍ଡଳୀ, ପ୍ରିଣ୍ଟିଂ ପ୍ରେସ୍, କାର୍ଯ୍ୟାଳୟ, ବିଦ୍ୟାଳୟ ଓ ବାଇବଲ କଲେଜରେ

✸ *ଆମର ହିନ୍ଦୀ ଓ ତାମିଲ ନିହିମିୟା ବାଇବଲ କଲେଜଗୁଡ଼ିକ ପାଇଁ ଛାତ୍ର ସଂଗ୍ରହ କରିବା ଏକ ଆହ୍ୱାନମୂଳକ କାର୍ଯ୍ୟ ବୋଲି ଦେଖୁଅଛୁ । କେତେକ ନେତା ବିଭିନ୍ନ କାରଣରୁ ସେମାନଙ୍କ ଯୁବକମାନଙ୍କୁ ବାଇବଲ କଲେଜକୁ ପ୍ରେରଣ କରିବାକୁ ଅନିଚ୍ଛୁକ ଅଟନ୍ତି । ଏହା ସତ୍ତ୍ୱେ, ଆମେ ସମସ୍ତ ଛାତ୍ରଙ୍କୁ ବିଭିନ୍ନ କ୍ଷେତ୍ରକୁ ପ୍ରେରଣ କରିବା ପୂର୍ବରୁ ସେମାନଙ୍କୁ ଯତ୍ନର ସହିତ ଶିକ୍ଷା, ତାଲିମ, ଖାଦ୍ୟ ଦେଉଅଛୁ ଓ ସେମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କରୁଅଛୁ ଓ ସେମାନଙ୍କର ଈଶ୍ୱର-ପ୍ରଦତ୍ତ ଆହ୍ୱାନ ଅନୁସାରେ ସେମାନଙ୍କର ସେବାକାର୍ଯ୍ୟ ଅବ୍ୟାହତ ରଖିବା ପାଇଁ ସମର୍ଥ କରୁଅଛୁ । ଆମେ ଆମର ତାଲିମ ପାଇଁ କୌଣସି ଅର୍ଥ ନେଉ ନାହୁଁ । ଆମେ ଯେଉଁ ଛାତ୍ରମାନଙ୍କୁ ତାଲିମ ଦେଉଅଛୁ, ସେମାନେ ବର୍ତ୍ତମାନ ମିଶନ କ୍ଷେତ୍ରଗୁଡ଼ିକରେ ତାରା ପରି ଚମକୁ ଅଛନ୍ତି । ଦୟାକରି ଏହି ପରିସ୍ଥି ପାଇଁ ପ୍ରାର୍ଥନା କରନ୍ତୁ ।*

*ଆମେ ଏହି ବର୍ଷ ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମାସ ସମୟରେ ଅନେକ ପ୍ରଚାର କାର୍ଯ୍ୟର ସମୟ ସୂଚୀ ପ୍ରସ୍ତୁତ କରିଅଛୁ । ଏହି କାର୍ଯ୍ୟଗୁଡ଼ିକ ସମୟରେ ସୁରକ୍ଷା ପାଇଁ ଆମେ ଆପଣମାନଙ୍କର ପ୍ରାର୍ଥନା ଚାହୁଁଅଛୁ । ଆମେ ସେବାକାର୍ଯ୍ୟରେ ଏକତ୍ର ଯାତ୍ରା କରୁଥିବା ସମୟରେ ଗଭୀରଭାବରେ ଆପଣମାନଙ୍କର ସହାୟତା ଚାହୁଁଅଛୁ । ଆମେ ଆପଣମାନଙ୍କର ସମସ୍ତ ଚିଠିପତ୍ର ଓ ଇ-ମେଲ୍ ଗୁଡ଼ିକର ଉତ୍ତର ଦେବା ପାଇଁ ଚେଷ୍ଟା କରୁଅଛୁ ଓ ମନିଅର୍ଡର, ବ୍ୟାଙ୍କ୍ ଚେକ୍, ଡିମାଣ୍ଡ ଡ୍ରାଫ୍ଟ, ଟ୍ରାନ୍ସଫର, ନେଟ ବ୍ୟାଙ୍କିଙ୍ଗ୍ ଓ ଗୁଗୁଲ ପେ ମାଧ୍ୟମରେ ଆପଣମାନଙ୍କର ସମସ୍ତ ଅର୍ଥଦାନକୁ ସ୍ୱାଗତ କରୁଅଛୁ । ଯଦି ଆପଣମାନେ ଗୋଟିଏ ଉପଯୁକ୍ତ ସମୟସୀମା ମଧ୍ୟରେ ଆମର ପ୍ରତ୍ୟୁତ୍ତର, ରିସିପ୍ଟ, କିମ୍ବା ଆମର ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକା ପାଉ ନାହାନ୍ତି, ତେବେ ଦୟା କରି ୦୯୮୪୧୦୭୧୮୫୮ କିମ୍ବା ୦୯୮୪୧୨୭୧୮୫୮ ରେ ଆମ ସହିତ ଯୋଗାଯୋଗ କରନ୍ତୁ । ଆମେ ଆପଣମାନଙ୍କୁ ସାହାଯ୍ୟ କରିବୁ ।*

*ଈଶ୍ୱର ଆପଣମାନଙ୍କୁ ପ୍ରଚୁରଭାବେ ଆଶୀର୍ବାଦ କରନ୍ତୁ ।*

*ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ*

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ପାଳକ ଆଲେକ୍ସ ସାମ୍‌ସନ୍ ସାମ୍**
**(+91) 9841271858 / 9841071858,**
**E.mail : samselvarj333@gmail.com**

## ଦୟାକରି ଧ୍ୟାନ ଦିଅନ୍ତୁ : ଆହ୍ୱାନର ପ୍ରତିଧ୍ୱନିର ପାଠକଗଣ

**ଆହ୍ୱାନର ପ୍ରତିଧ୍ୱନି** ୟୁ-ଟ୍ୟୁବ୍ ବାର୍ତ୍ତା ପ୍ରତିଦିନ ଭୋର ୨ଟାରେ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସାରିତ ହେଉଅଛି । ଆପଣମାନେ ବାର୍ତ୍ତାଗୁଡ଼ିକୁ ଶୁଣିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବେ । ଅଧିକନ୍ତୁ, ଆପଣମାନଙ୍କ ମୋବାଇଲ୍ ଫୋନ୍‌ରେ ମୋର ମୋବାଇଲ ନମ୍ବ (+୯୧) ୯୮୪୧୦୭୧୮୫୮, (+୯୧) ୯୮୪୧୨୭୧୮୫୮ (ବ୍ୟକ୍ତିଗତ) ସଂରକ୍ଷିତ ରଖନ୍ତୁ ।

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍**

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଅନ୍ୟମାନେ ଯୋଜନା କରନ୍ତି ମାତ୍ର ସେମାନଙ୍କର ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସଂଘର୍ଷ କରନ୍ତି ।

ଆଉ ଗୋଟିଏ ଦଳ ଅଛନ୍ତି ଯେଉଁମାନେ ଆଦୌ ଯୋଜନା କରନ୍ତି ନାହିଁ, ମାତ୍ର ଏହା ପରିବର୍ତ୍ତେ, ସ୍ରୋତ ସହିତ ବହିଯିବା ମନୋନୀତ କରନ୍ତି ।

ଆପଣ କେଉଁ ଶ୍ରେଣୀର, ତାହା ମୁଁ ଭାବୁଛି । ବାଇବଲ ହିତୋପଦେଶ ୧୯:୨୧ରେ ଆମକୁ ସ୍ମରଣ କରାଇ ଦେଇଛି : **''ମନୁଷ୍ୟର ମନରେ ନାନା ସଂକଳ୍ପ ଥାଏ, ମାତ୍ର ସଦାପ୍ରଭୁଙ୍କ ମନ୍ତ୍ରଣା ସ୍ଥିର ହେବ''** ।

ଆମେ ଆମର ଭବିଷ୍ୟତ୍ ଯଥା - ଶିକ୍ଷା, ବିବାହ, ସନ୍ତାନସନ୍ତତି, କାର୍ଯ୍ୟ ଓ ସଂପତ୍ତି ଲାଭ, ଇତ୍ୟାଦି ବିଷୟରେ ଅନେକ ଯୋଜନା କରିପାରୁ । ଆମେ ନିରବଚ୍ଛିନ୍ନ ଭାବରେ ଚିନ୍ତା ଓ ଯୋଜନା କରୁ । କିନ୍ତୁ, ଶେଷରେ ପ୍ରଭୁଙ୍କ ସଂକଳ୍ପ ଓ ଇଚ୍ଛା ହିଁ ଫଳପ୍ରଦ ହୁଏ । ହିତୋପଦେଶ ୧୬:୯ରେ ଅନ୍ୟ ଏକ ପଦରେ ଉଲ୍ଲିଖିତ ଅଛି : **''ମନୁଷ୍ୟର ମନ ଆପଣା ପଥ ବିଷୟ କଳ୍ପନା କରଇ, ମାତ୍ର ସଦାପ୍ରଭୁ ତାହାର ଗତି ନିରୂପଣ କରନ୍ତି ।''** ଇଂରାଜୀ (କେଜେଭି) ବାଇବଲରେ **''କଳ୍ପନା କରେ''** ବୋଲି ଉଲ୍ଲିଖିତ ଅଛି, ମାତ୍ର ତାମିଲ ବାଇବଲ ଏହାକୁ **''ମନୁଷ୍ୟର ହୃଦୟ ଚିନ୍ତା କରେ''** ଭାବରେ ଅନୁବାଦ କରିଛି ଓ ପ୍ରିୟ ପ୍ରଭୁ ଯେ ଆମର ପଥ ନିରୂପଣ କିମ୍ବା ନିର୍ଦ୍ଦେଶିତ କରନ୍ତି - ଏହା ଉପରେ ଗୁରୁତ୍ୱ ଦେଇଛି ।

ଚିନ୍ତା କରିବା ଏପରି ଏକ ଅସାଧାରଣ ଦାନ ଯାହାକୁ ଈଶ୍ୱର ମନୁଷ୍ୟମାନଙ୍କୁ ପ୍ରଦାନ କରିଛନ୍ତି । ଏପରିକି ମନସ୍ତତ୍ତ୍ୱବିଦ୍‌ମାନେ ଏହାକୁ ସମର୍ଥନ କରିଛନ୍ତି ଯେ ଚିନ୍ତାଗୁଡ଼ିକ ଅବିଶ୍ୱସନୀୟ ଭାବରେ ଶକ୍ତିପୂର୍ଣ୍ଣ ଅଟେ, ସେଗୁଡ଼ିକ ଆମର କାର୍ଯ୍ୟ ଓ ଆବେଗକୁ ନିର୍ଣ୍ଣୟ କରନ୍ତି । ସେଥିପାଇଁ **''ମନକୁ ଜଗି ରହିବା''** ନିମନ୍ତେ ବାଇବଲ ଆମକୁ ପରାମର୍ଶ ଦେଇଛି କାରଣ ଆମେ ମନକୁ ଆମର ଚିନ୍ତାକୁ ଗଠନ କରିବା ପାଇଁ ଅନୁମତି ଦେଉ ଓ ଏହାପରେ ଆମେ ଯାହା କହୁ, ଓ ଯେପରି ବ୍ୟବହାର ଦେଖାଉ, ତାହା ଉପରେ ଆମର ଚିନ୍ତା ପ୍ରଭାବ ପକାଏ । ସେଥିପାଇଁ, ଚିନ୍ତା କରିବା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ ।

ଗୋଟିଏ ଚିନ୍ତାରେ ଆମ ଜୀବନର ଚକ୍ରକୁ ପରିବର୍ତ୍ତନ କରିବାର ସମ୍ଭାବନା ରହିଛି । ଆସନ୍ତୁ, ତାହା ଆବିଷ୍କାର କରିବା, ଯାହା ଈଶ୍ୱର ଆମ ବିଷୟରେ ଚିନ୍ତା କରନ୍ତି । ଯିରିମିୟ ୨୯:୧୧ରେ ଲେଖାଅଛି : **''ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ... ସଂକଳ୍ପ କରିଅଛୁ ।''** ଈଶ୍ୱରଙ୍କ ନିକଟରେ ଯେ କେବଳ ଯୋଜନା ଅଛି, ତା' ନୁହେଁ, ମାତ୍ର ଆମ ବିଷୟରେ ତାଙ୍କର ଚିନ୍ତା ମଧ୍ୟ ଅଛି ଯାହା ଏହା ସୂଚିତ କରେ ଯେ ସେ ଆମ ବିଷୟ ସକ୍ରିୟ ଭାବେ ଚିନ୍ତା କରୁଥାନ୍ତି । ଆପଣ କ'ଣ ଏହା ଚିନ୍ତା କରୁଥା'ନ୍ତି । ଆପଣ କ'ଣ ଏହା ଚିନ୍ତା କରି ପାରୁଛନ୍ତି କି - ଯେଉଁ ସୃଷ୍ଟିକର୍ତ୍ତା ପୃଥିବୀର ଘଟଣାଗୁଡ଼ିକୁ ନିୟନ୍ତ୍ରଣ କରନ୍ତି, ସେ ମୋ' ବିଷୟରେ ଏତେ ମନୋଯୋଗୀ ଅଟନ୍ତି ? ସେ କେବଳ ମୋର ଭବିଷ୍ୟତକୁ ନୁହେଁ, ମାତ୍ର ମୋ' ଯୁଗର ଭବିଷ୍ୟତକୁ ମଧ୍ୟ ବିଚାର କରନ୍ତି । ଏହା ଜାଣିବା ଗଭୀରଭାବେ ଭରସାଦାୟକ ଅଟେ ଯେ ମୁଁ ଏପରି ଜଣେ ଈଶ୍ୱରଙ୍କୁ ବିଶ୍ୱାସ କରେ ଯିଏ ମୋର ଯତ୍ନ ନିଅନ୍ତି ଓ ମୋ' ବିଷୟରେ ଚିନ୍ତା କରନ୍ତି ।

ବାଇବଲ ଆମକୁ ଏହି ଶିକ୍ଷା ଦିଏ ଯେ **''ଆମ୍ଭର ସଂକଳ୍ପ ସକଳ ତୁମ୍ଭମାନଙ୍କର ସଂକଳ୍ପ ପରି ନୁହେଁ, କିଅବା ତୁମ୍ଭମାନଙ୍କର ମାର୍ଗସକଳ ଆମ୍ଭର ମାର୍ଗ ପରି ନୁହେଁ''** (ଯିଶାଇୟ ୫୫:୮) । କାହିଁକି ? କାରଣ ଈଶ୍ୱର ଯେପରି ଭାବରେ ଆମକୁ ଦେଖନ୍ତି ଓ ଆମ ବିଷୟରେ ଯେପରି ଭାବେ ଚିନ୍ତା କରନ୍ତି, ତାହା ଆମେ ଆମ ନିଜ ନିଜ ବିଷୟରେ ଯେପରି ଦେଖୁ ଓ ଚିନ୍ତା କରୁ, ତା'ଠାରୁ ସଂପୂର୍ଣ୍ଣ ଭାବରେ ଭିନ୍ନ ଅଟେ ।

ଉଦାହରଣ ସ୍ୱରୂପ, ବିଚାରକର୍ତ୍ତା ୬ ଅଧ୍ୟାୟରେ ଉଲ୍ଲିଖିତ ଗିଦିୟୋନ୍‌ଙ୍କ ବିଷୟ ବିଚାର କରନ୍ତୁ । ସେ ମିଦିୟୋନୀୟମାନଙ୍କଠାରୁ ଲୁଚାଇବା ପାଇଁ ଅଲୋନ ବୃକ୍ଷ ତଳେ ଦ୍ରାକ୍ଷାରସ କୁଣ୍ଡ ଭିତରେ ଗହମ ମଳୁଥିଲେ । ଖୋଲାଖୋଲି ଏହା କରିବା ପାଇଁ ତାଙ୍କ ନିକଟରେ ସାହସ

ନ ଥିଲା ଓ ସେ ନିଜକୁ ଲୁଚାଇଥିଲେ । ତାହା ଥିଲା, ଗିଦିୟୋନଙ୍କର ପରିଚୟ । କିନ୍ତୁ, ଯେତେବେଳେ ପ୍ରଭୁ ଗିଦିୟୋନଙ୍କୁ ସାକ୍ଷାତ୍ କଲେ, ସେତେବେଳେ ସେ ତାଙ୍କୁ ଯାହା ସମ୍ବୋଧନ କଲେ, ତାହା ଲକ୍ଷ୍ୟ କରନ୍ତୁ – ବିଚାରକର୍ତ୍ତା ୬:୧୧–୧୨

**"...ଗିଦିୟୋନ ମିଦିୟନୀୟମାନଙ୍କଠାରୁ ଗହମ ଲୁଚାଇବା ପାଇଁ ଦ୍ରାକ୍ଷାରସ କୁଣ୍ଡ ଭିତରେ ତାହା ମଳୁଥିଲେ । ତହିଁରେ ସଦାପ୍ରଭୁଙ୍କ ଦୂତ ତାହାଙ୍କୁ ଦର୍ଶନ ଦେଇ କହିଲେ, ହେ ମହାବିକ୍ରମଶାଳୀ ଲୋକ, ସଦାପ୍ରଭୁ ତୁମ୍ଭ ସଙ୍ଗରେ ଅଛନ୍ତି ।"**



ଦୂତ ଗିଦିୟୋନଙ୍କୁ ଦର୍ଶନ ଦେଇଛନ୍ତି

ସଦାପ୍ରଭୁ ଗିଦିୟୋନଙ୍କୁ ଜଣେ ମହାବିକ୍ରମଶାଳୀ ବ୍ୟକ୍ତି ଭାବରେ ସମ୍ବୋଧନ କରିଥିଲେ, ମାତ୍ର ଗିଦିୟୋନ ନିଜକୁ ଅତି ଭିନ୍ନ ଭାବରେ ଦେଖୁଥିଲେ । ବିଚାରକର୍ତ୍ତା ୬:୧୫ରେ ଲେଖାଅଛି –

ସେ ଉତ୍ତର ଦେଇଥିଲେ, **"ହେ ପ୍ରଭୁ, ମୁଁ କାହିଁରେ ଇସ୍ରାଏଲକୁ ଉଦ୍ଧାର କରିବି ? ଦେଖ, ମନଃଶି (ବଂଶ) ମଧ୍ୟରେ ମୋହର ପରିବାର ସବୁଠାରୁ କ୍ଷୀଣ, ପୁଣି ମୋର ପିତୃଗୃହ ମଧ୍ୟରେ ମୁଁ ସବୁଠୁ କନିଷ୍ଠ ।"**

ଗିଦିୟୋନ ନିଜକୁ ଅତି ଦୁର୍ବଳ ଓ ନଗଣ୍ୟ ଭାବରେ ଦେଖୁଥିଲେ, ମାତ୍ର ଈଶ୍ୱର ତାଙ୍କୁ ତାଙ୍କ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ଓ ସେମାନଙ୍କର ଶତ୍ରୁମାନଙ୍କୁ ପରାସ୍ତ କରିବା ପାଇଁ ନିରୂପିତ ହୋଇଥିବା ଜଣେ ମହା ଶକ୍ତିଶାଳୀ ଲୋକଭାବରେ ଦେଖୁଥିଲେ ।

ପ୍ରାୟତଃ, ଏହା ଆମର ନିଜସ୍ୱ ଚିନ୍ତା ଯାହା ଆମକୁ ଅଗ୍ରସର ହେବାରେ ବାଧାଦିଏ । ଆମକୁ ପ୍ରଦତ୍ତ ହୋଇଥିବା ଦାନ, ପ୍ରତିଭା ଓ ଆହ୍ୱାନକୁ ଆମେ ନଗଣ୍ୟ ମନେକରୁ ଓ ଏହା ଫଳରେ, ଆମେ ଆମର ସ୍ୱର୍ଗୀୟ ଉଦ୍ଦେଶ୍ୟକୁ ସଫଳ କରିବାରେ ବିଫଳ ହେଉ ।

## ଆଗକୁ ଚିନ୍ତା କରିବା

ଏହାର ବିପରୀତରେ, କେତେକ ଲୋକ ଅପରିପକ୍ୱ ଭାବରେ କାର୍ଯ୍ୟ କରନ୍ତି ଓ ଈଶ୍ୱରଙ୍କ ସମୟକୁ ଅପେକ୍ଷା ନ କରି ନିଜସ୍ୱ ଯୋଜନାର ଅନୁସରଣ କରନ୍ତି । ମୋଶାଙ୍କ ବିଷୟ ବିଚାର କରନ୍ତୁ : ଯେତେବେଳେ ସେ ଦୁଇଜଣ ଇସ୍ରାଏଲୀୟଙ୍କୁ କଳହ କରୁଥିବାର ଦେଖିଲେ, ସେତେବେଳେ ସେ ହସ୍ତକ୍ଷେପ କରି, ବିଶ୍ୱାସ କରିଥିଲେ ଯେ ସେ ତାଙ୍କ ଲୋକମାନଙ୍କୁ ଉଦ୍ଧାର କରି ପାରିବେ । କିନ୍ତୁ, ଏହା ଈଶ୍ୱରଙ୍କ ନିରୂପିତ ସମୟ ନ ଥିଲା । ଶେଷରେ, ଦୁଇ ଜଣ ଇସ୍ରାଏଲୀୟଙ୍କ ମଧ୍ୟରେ ଗୋଟିଏ କଳହକୁ ସମାଧାନ କରିବା ପାଇଁ ତାଙ୍କ ଉଦ୍ୟମ ବିପର୍ଯ୍ୟୟରେ ପରିଣତ ହୋଇଥିଲା ।

## ଚିନ୍ତାର ଶକ୍ତି

ଆମର ଚିନ୍ତାଗୁଡ଼ିକ ଅସାଧାରଣଭାବରେ ଶକ୍ତିପୂର୍ଣ୍ଣ ଅଟେ, ସେଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭାବରେ ଆମର ଆଚରଣ ଓ ଆବେଗୁଡ଼ିକୁ ପ୍ରଭାବିତ କରେ ଓ ସେଥିପାଇଁ ଏହା ସଂଜ୍ଞାନାତ୍ମକ ଆଚରଣ ସମ୍ବନ୍ଧୀୟ ଚିକିତ୍ସାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରେ ।

ଚିନ୍ତାଗୁଡ଼ିକ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଧିପତ୍ୟ କରେ, ଓ ସେଥିପାଇଁ ବାଇବଲ ଆମକୁ ଆମ ମନକୁ ଜଗି ରହିବା ପାଇଁ ପରାମର୍ଶ ଦେଇଛି । ଆମେ ଆମ ମନ ମଧ୍ୟକୁ ଯେଉଁ ବିଷୟକୁ ଅନୁମତି ଦେଉ, ତାହା ଆମର ଚିନ୍ତା କରିବାର ମାର୍ଗକୁ ଗଭୀରଭାବେ ପ୍ରଭାବିତ କରେ । ଗୋଟିଏ ଭ୍ରାନ୍ତ ଚିନ୍ତା ଆମ ଜୀବନର ସଂପୂର୍ଣ୍ଣ ଗତିପଥରୁ ଆମକୁ ବିଚ୍ୟୁତ କରିଦିଏ ଓ ଈଶ୍ୱର ଆମ ନିମନ୍ତେ ରଖିଥିବା ଯୋଜନା ଓ ଉଦ୍ଦେଶ୍ୟରୁ ଆମକୁ ଦୂରେଇ ଦିଏ ।

## ଦାଉଦଙ୍କର ଦୃଷ୍ଟିକୋଣ

ଦାଉଦ ଏପରି ଜଣେ ବ୍ୟକ୍ତି ଥିଲେ ଯିଏ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଥିଲେ ଓ ତାଙ୍କୁ ତାଙ୍କ ଜୀବନର କେନ୍ଦ୍ରରେ ରଖିବାକୁ ଚାହୁଁଥିଲେ । ଶାଉଲ ଅବିଶ୍ରାନ୍ତ ଭାବରେ ଦାଉଦଙ୍କର ଅନୁଧାବନ କରୁଥିଲେ ମଧ୍ୟ, ଈଶ୍ୱର ଦାଉଦଙ୍କୁ ତାଙ୍କ ହସ୍ତରେ ସମର୍ପଣ କରି ନ ଥିଲେ । ଏହା ପରିବର୍ତ୍ତେ, ତିନିରୁ ଅଧିକଥର ଈଶ୍ୱର ଶାଉଲଙ୍କୁ ଦାଉଦଙ୍କ ହସ୍ତରେ ସମର୍ପଣ କରିଥିଲେ । କିନ୍ତୁ, ଦାଉଦ ଶାଉଲଙ୍କର କୌଣସି କ୍ଷତି କରି ନ ଥିଲେ ଓ ଘୋଷଣା କରିଥିଲେ, "ସେ ସଦାପ୍ରଭୁଙ୍କର ଅଭିଷିକ୍ତ ବ୍ୟକ୍ତି ଅଟନ୍ତି ।" ଦାଉଦ ସେତେବେଳେ ମଧ୍ୟ ଶାଉଲଙ୍କ ଉପରେ ଥିବା ଅଭିଷେକକୁ ସମ୍ମାନ ଦେଖାଇଥିଲେ, ଯେତେବେଳେ ଶାଉଲ ନିଜର ସ୍ୱର୍ଗୀୟ ନିଯୁକ୍ତି ଅନୁସାରେ କାର୍ଯ୍ୟ କରି ନ ଥିଲେ ।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

ନିହିମିଆ ବାଇବଲ
ଆବାସିକ ମହାବିଦ୍ୟାଳୟ, ଚେନ୍ନାଇ

ମାଧ୍ୟମ ~ ହିନ୍ଦୀ

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

ଥିଓଲୋଜିରେ ଡିପ୍ଲୋମା

ଯୋଗ୍ୟତା : ୧୦ମ ଓ ତଦୂର୍ଦ୍ଧ୍ୱ

ଆଡ଼ମିଶନ ପାଇଁ ଶୀଘ୍ର ଆସନ୍ତୁ !

ଯୋଗାଯୋଗ : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
* ONLINE CLASSES ARE AVAILABLE *

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

**ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)**

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ,**

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ (୨୦୨୪ ଅକ୍ଟୋବର ୧୯ ରୁ ୨୦୨୪ ନଭେମ୍ବର ୧୮ ପର୍ଯ୍ୟନ୍ତ)**

**(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)**

ସେପ୍ଟେମ୍ବର ୧୯ ⇨ ଆମର ଛାପାକଳରେ ଆମର ପତ୍ରିକାକୁ ୧୬ଟି ଭାଷାରେ ଛପାଇ, ପ୍ରକାଶ କରି ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରଣ କରିବାରେ ସାମର୍ଥ୍ୟ ଦେଇଥିବାରୁ ।

ସେପ୍ଟେମ୍ବର ୨୦ ⇨ ଆମର 'ଆହ୍ୱାନର ପ୍ରତିଧ୍ୱନି' ୟୁ-ଟ୍ୟୁବ୍ ଗଣମାଧମ ସେବାକାର୍ଯ୍ୟର ୫ ମିନିଟିର ବାର୍ତ୍ତା ଦ୍ୱାରା ଅନେକ ସାକ୍ଷ୍ୟ ମିଳିଥିବାରୁ ।

ସେପ୍ଟେମ୍ବର ୨୧ ⇨ ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ବାଇବଲ କରେସପଣ୍ଡେସ ପାଠ୍ୟକ୍ରମ ଉପରେ ଆଶୀର୍ବାଦ କରିଥିବାରୁ ।

ସେପ୍ଟେମ୍ବର ୨୨ ⇨ 'ଆହ୍ୱାନର ପ୍ରତିଧ୍ୱନି' ପତ୍ରିକା ସେବାକାର୍ଯ୍ୟରେ ସହାୟତା ଦେଉଥିବା ସମର୍ପିତ ସହଯୋଗୀ ସଂପାଦକମାନଙ୍କୁ ଯୋଗାଇଥିବାରୁ ।

ସେପ୍ଟେମ୍ବର ୨୩ ⇨ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଆମର ରବିବାର ଉପାସନାରେ ଈଶ୍ୱରଙ୍କ ବାକ୍ୟର ଶକ୍ତି ନିମନ୍ତେ ।

ସେପ୍ଟେମ୍ବର ୨୪ ⇨ ଆମର ଛାପାକଳ ଓ ଦକ୍ଷ କର୍ମଚାରୀମାନଙ୍କ ଦ୍ୱାରା ଏହାର ସୁପରିଚାଳନା ନିମନ୍ତେ ।

ସେପ୍ଟେମ୍ବର ୨୫ ⇨ ଆହ୍ୱାନର ପ୍ରତିଧ୍ୱନି ୨୦୨୪ ଅଗଷ୍ଟ ମାସରେ ଏହାର ୫୬ତମ ବର୍ଷରେ ପ୍ରବେଶ କରିଥିବାରୁ ।

ସେପ୍ଟେମ୍ବର ୨୬ ⇨ ଆମର ପ୍ରାର୍ଥନାସାଥୀ, ସଭ୍ୟସଭ୍ୟା, ବିଶ୍ୱାସସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ ଓ ସେମାନଙ୍କର ପରିବାରଗୁଡ଼ିକ ପ୍ରତି ଦୟା ଦେଖାଇଥିବାରୁ ।

ସେପ୍ଟେମ୍ବର ୨୭ ⇨ ଆମର ବାଇବଲ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ ଓ ଥିଓଲୋଜିକାଲ୍ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମର ଅଭିବୃଦ୍ଧି ନିମନ୍ତେ ।

ସେପ୍ଟେମ୍ବର ୨୮ ⇨ ବରିଷ୍ଠ ପାଳକ ଓ ବିଭିନ୍ନ ସେବାକାର୍ଯ୍ୟ ମାଧମରେ ସୁସମାଚାର ପ୍ରଚାର ପାଇଁ ତାଙ୍କର ସମର୍ପଣ ନିମନ୍ତେ ।

ସେପ୍ଟେମ୍ବର ୨୯ ⇨ ଆମର ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ସୁରକ୍ଷା ଦେଉଥିବାରୁ ।

ସେପ୍ଟେମ୍ବର ୩୦ ⇨ ଆମ ମଣ୍ଡଳୀରେ ନୂତନ ବିଶ୍ୱାସୀମାନଙ୍କୁ ଯୋଗ କରିଥିବାରୁ ।

ଅକ୍ଟୋବର ୧ ⇨ ମିଶନ କାର୍ଯ୍ୟକାରୀମାନଙ୍କର ସମର୍ପଣ ନିମନ୍ତେ ।

ଅକ୍ଟୋବର ୨ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍. ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସ୍ୱର୍ଗୀୟ ସୁରକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ଦେଇଥିବାରୁ ।

ଅକ୍ଟୋବର ୩ ⇨ ଆମର ନିହିମିୟା ବାଇବଲ କଲେଜ ଏହି ଶିକ୍ଷାବର୍ଷର ଦ୍ୱିତୀୟ ସେମିଷ୍ଟାରରେ ପ୍ରବେଶ କରିଥିବାରୁ ।

ଅକ୍ଟୋବର ୪ ⇨ ପ୍ରତ୍ୟେକ ମଦ୍ୟପ ଓ କୁକର୍ମକାରୀ ଯେପରି ଅନୁତାପ କରିବେ ।

ଅକ୍ଟୋବର ୫ ⇨ ପୃଥିବୀର ସମସ୍ତ ମହିଳା ଓ ଶିଶୁଙ୍କର ସୁରକ୍ଷା ନିମନ୍ତେ ।

ଅକ୍ଟୋବର ୬ ⇨ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର ଯୁବ ଓ ପ୍ରଚାର କାର୍ଯ୍ୟ ନିମନ୍ତେ ।

ଅକ୍ଟୋବର ୭ ⇨ ଆମ ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ପରିବାରର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

ଅକ୍ଟୋବର ୮ ⇨ ଭାରତର ଦୁର୍ଗମ ଅଞ୍ଚଳରେ ପ୍ରଚାର କରିବା ପାଇଁ ଆମକୁ ସାମର୍ଥ୍ୟ ଦେବା ନିମନ୍ତେ ।

ଅକ୍ଟୋବର ୯ ⇨ ଆମର ସିଂହଳ ପତ୍ରିକା ଦଳର ଭଉଣୀ ମଞ୍ଜୁଳା ଯେପରି ତାଙ୍କ ସ୍ୱାସ୍ଥ୍ୟ ସମସ୍ୟାରୁ ସଂପୂର୍ଣ୍ଣ ଭାବେ ସୁସ୍ଥ ହେବେ ।

ଅକ୍ଟୋବର ୧୦ ⇨ ପୃଥିବୀରେ ତାଙ୍କ ରାଜ୍ୟ ନିର୍ମାଣ ନିମନ୍ତେ ଆମକୁ ଲକ୍ଷ୍ୟ ଓ ଦର୍ଶନ ଦେବା ପାଇଁ ।

ଅକ୍ଟୋବର ୧୧ ⇨ ସାଂପ୍ରତିକ ଭୂସ୍ଖଳନ ପରେ, କେରଳର ୱେନାଡାରେ ଯେପରି ସ୍ୱାଭାବିକ ସ୍ଥିତି ଫେରି ଆସିବ ।

ଅକ୍ଟୋବର ୧୨ ⇨ ଆମର ସାଥୀ, ରାଜ୍ୟ-ସଂଯୋଜକ ଓ ସେମାନଙ୍କର ପରିବାର ନିମନ୍ତେ ।

ଅକ୍ଟୋବର ୧୩ ⇨ ସମସ୍ତ ଦେଶରେ ଶାନ୍ତି ଓ ଏକତା ନିମନ୍ତେ ।

ଅକ୍ଟୋବର ୧୪ ⇨ ଆମର ସୁସମାଚାର ଛାପାକଳକୁ ଆଶୀର୍ବାଦ କରିବା ନିମନ୍ତେ ।

ଅକ୍ଟୋବର ୧୫ ⇨ ଆମ ସେବାକାର୍ଯ୍ୟର ସଂପ୍ରସାରଣ ଓ ବିଶ୍ୱବ୍ୟାପୀ ସୁସମାଚାର ପ୍ରଚାର ନିମନ୍ତେ ।

ଅକ୍ଟୋବର ୧୬ ⇨ ପୃଥିବୀର ବିଭିନ୍ନ ଅଞ୍ଚଳରେ ଦେଖା ଦେଇଥିବା ଆର୍ଥିକ ସଙ୍କଟ ଯେପରି ଶେଷ ହେବ ।

ଅକ୍ଟୋବର ୧୭ ⇨ ଦଳିତ ଲୋକମାନଙ୍କର ଅର୍ଥନୈତିକ ଉନ୍ନତି ନିମନ୍ତେ ।

ଅକ୍ଟୋବର ୧୮ ⇨ ଈଶ୍ୱର ଯେପରି ସମସ୍ତ ଦେଶର ଈଶ୍ୱର-ଭୟାଳୁ ନେତାମାନଙ୍କୁ ଆଶୀର୍ବାଦ କରିବେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଥରେ ଯେତେବେଳେ ଦାଉଦ ଏକ ଦୃଢ଼ ପ୍ରାଚୀର ବିଶିଷ୍ଟ ନଗର, କିୟୀଲାକୁ ଯାଇଥିଲେ, ସେତେବେଳେ ଶାଉଲ ଦାଉଦଙ୍କୁ ଧରିବା ପାଇଁ ଏହାକୁ ଏକ ଉତ୍ତମ ସୁଯୋଗ ଭାବରେ ଦେଖିଥିଲେ ଓ ଦାଉଦ ଦୃଢ଼ ପ୍ରାଚୀର ଘେରା ନଗର ମଧ୍ୟରୁ ଖସି ଯାଇପାରିବେ ନାହିଁ ବୋଲି ବିଶ୍ୱାସ କରିଥିଲେ (୧ ଶାମୁୟେଲ ୨୩) । ମାତ୍ର ଈଶ୍ୱର ଦାଉଦଙ୍କୁ ରକ୍ଷା କରିଥିଲେ ବୋଲି ଆମେ ଦେଖୁ । ପୁଣି ଥରେ, ୨୬ ଅଧ୍ୟାୟରେ, ଶାଉଲ ଦାଉଦଙ୍କର ଅତି ନିକଟରେ ଥିଲେ, ମାତ୍ର ଆଉ ଥରେ ଈଶ୍ୱର ଦାଉଦଙ୍କୁ ପଳାୟନ କରିବାରେ ସାହାଯ୍ୟ କରିଥିଲେ ।

ଅନ୍ୟ ଏକ ଘଟଣାରେ, ଶାଉଲ ଦାଉଦଙ୍କର ଅନୁଧାବନ କରୁଥିବା ସମୟରେ, ଶାଉଲଙ୍କୁ ହତ୍ୟା କରିବା ପାଇଁ ଦାଉଦଙ୍କ ନିକଟରେ ସୁଯୋଗ ଥିଲା, ମାତ୍ର ସେ ଈଶ୍ୱରଙ୍କ ଅଭିଷିକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ନିଜର ହସ୍ତ ଉଠାଇ ନ ଥିଲେ । ଏହା ପରିବର୍ତ୍ତେ, ନିଜେ ସେଠାରୁ ଚାଲି ଯାଇଥିଲେ । ଏହିସବୁ ପରୀକ୍ଷାଗୁଡ଼ିକ ମଧ୍ୟରେ, ଈଶ୍ୱର ଦାଉଦଙ୍କ ଜୀବନ ପ୍ରତି ବିଶ୍ୱସ୍ତ ରହିଥିଲେ । ଶାଉଲ ଦାଉଦଙ୍କୁ ହତ୍ୟା କରିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ଈଶ୍ୱର ତାଙ୍କୁ ସୁରକ୍ଷା ଦେଇଥିଲେ । ୧ ଶାମୁୟେଲ ୨୩:୧୪ରେ ଲେଖାଅଛି, **"...ପୁଣି ଶାଉଲ ପ୍ରତିଦିନ ତାଙ୍କର ଅନ୍ୱେଷଣ କଲେ, ମାତ୍ର ପରମେଶ୍ୱର ତାଙ୍କୁ ତାଙ୍କ ହାତରେ ଦେଲେ ନାହିଁ ।"**

କିନ୍ତୁ, ଦାଉଦଙ୍କ ଜୀବନରେ ଏପରି ଏକ ସମୟ ଆସିଥିଲା, ଠିକ୍ ଯେପରି ଆମ ସମସ୍ତଙ୍କ ଜୀବନରେ ଆସେ, ଆଉ ଯେତେବେଳେ ଆମେ ଈଶ୍ୱରଙ୍କୁ ପ୍ରେମ କରୁ, ତାଙ୍କୁ ବିଶ୍ୱାସ କରୁ ଓ ସେ ଆମକୁ ପ୍ରେମ କରନ୍ତି ଓ ଆମର ଯତ୍ନ ନିଅନ୍ତି ବୋଲି ଆମେ ଜାଣୁ, ସେତେବେଳେ ସେ ଆମର ମାଗିବା ଓ ଭାବିବାଠାରୁ ଅଧିକ କାର୍ଯ୍ୟ କରିପାରିନ୍ତି । ତଥାପି ମନ ମଧ୍ୟରେ ସନ୍ଦେହ ପ୍ରବେଶ କରେ, ଆମକୁ ଖରାପ ନିଷ୍ପତ୍ତି ନେବା ଦିଗରେ କଢ଼େଇ ନିଏ ।

୧ ଶାମୁୟେଲ ୨୭ ଅଧ୍ୟାୟ ଦାଉଦଙ୍କର ଏକ ଦ୍ୱନ୍ଦ୍ୱମୂଳକ ଜୀବନକୁ ଚିତ୍ରିତ କରିଛି ଓ ତାହା ତାଙ୍କ ଜୀବନର ଅତି ହୀନାବସ୍ଥାକୁ ବର୍ଣ୍ଣନା କରିଛି ।

ଏହା ଏହିପରି ଭାବେ ଆରମ୍ଭ ହୋଇଛି, "ଅନନ୍ତର ଦାଉଦ ମନେ ମନେ କହିଲେ ।" ଶାଉଲ କାଳେ ତାଙ୍କୁ ହତ୍ୟା କରିବେ ଓ ସେ ଆଉ ଶାଉଲଙ୍କ ବିରୁଦ୍ଧରେ ଠିଆ ହୋଇ ପାରିବେ ନାହିଁ, ଏହା ଭାବି ସେ ହଠାତ୍ ଭୟଭୀତ ହୋଇ ଉଠିଲେ । ଏହା ଫଳରେ, ସେ ନିଷ୍ପତ୍ତି ନେଲେ ଯେ ତାଙ୍କୁ ତାଙ୍କର ନିଜ ଲୋକମାନଙ୍କ ସହିତ ସୁରକ୍ଷିତ ରହିବା ପାଇଁ ପଦକ୍ଷେପ ନେବାକୁ ହେବ । ଦାଉଦ ସଦାପ୍ରଭୁ ହସ୍ତ ଅପେକ୍ଷା ଶତ୍ରୁର ହସ୍ତରେ ଅଧିକ ସୁରକ୍ଷିତ ରହିବେ ବୋଲି ଭୁଲ ଭାବରେ ଚିନ୍ତା କରି ପଲେଷ୍ଟୀୟ ମାନଙ୍କ ମଧ୍ୟରେ ଆଶ୍ରୟ ନେବା ମନୋନୀତ କରିଥିଲେ ।

ଏହି ସମୟ ମଧ୍ୟରେ, ଆମେ ଏହା ଦେଖୁ ଯେ ଦାଉଦ ଜାଗତିକ ସଫଳତାର ଅନୁଭୂତି ପାଇଥିଲେ । ସେ ଯେଉଁ ସ୍ଥାନକୁ ଯାଉଥିଲେ, ସେହି ସ୍ଥାନରେ ବିଜୟୀ ହେଉଥିଲେ, ସେ ଧନ, ଖ୍ୟାତି, ଶକ୍ତି ଓ କ୍ଷମତା, ଏପରିକି ଯାହା ଆବଶ୍ୟକ କରୁଥିଲେ, ସେହି ସବୁ ପ୍ରାପ୍ତ ହୋଇଥିଲେ । ସେ ଜଣେ ବିଜୟୀ ବୀର ଥିଲେ ।

କିନ୍ତୁ ଆମେ ପ୍ରାୟ ସଫଳତା ଓ ଆଶୀର୍ବାଦକୁ ଈଶ୍ୱରଙ୍କର ସ୍ୱର୍ଗୀୟ ଦାନ ଭାବି ଦୁଇଟି ମଧ୍ୟରେ ଦ୍ୱନ୍ଦ୍ୱଗ୍ରସ୍ତ ହେଉ । ଏପରିକି ଶୟତାନ ମଧ୍ୟ ଆମକୁ ଧନ, ଖ୍ୟାତି ଓ ସମୃଦ୍ଧି ଦେଇପାରେ । ଆମର ଆଶୀର୍ବାଦଗୁଡ଼ିକ ଈଶ୍ୱରଙ୍କ ଠାରୁ ଆସିଛି କିମ୍ବା ଶୟତାନଠାରୁ ଆସିଛି, ଏହା ଚିହ୍ନିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଯଦି କୌଣସି ଆଶୀର୍ବାଦ, ଆମକୁ ଈଶ୍ୱରଙ୍କଠାରୁ ଦୂରକୁ ନେଇଯାଏ, ଯେପରିକି ଏପରିକାର୍ଯ୍ୟ କିମ୍ବା ଶିକ୍ଷା ଯାହା ଆମକୁ ମଣ୍ଡଳୀରେ ଯୋଗ ଦେବାରେ ବାଧା ଦିଏ କିମ୍ବା ତାଙ୍କ ସହିତ ଆମର ସଂପର୍କକୁ ଗଭୀରତର ହେବାର ସୁଯୋଗ ଦିଏ ନାହିଁ, ତେବେ ଏହା ଆମର ପ୍ରାଥମିକତାଗୁଡ଼ିକର ପୁନଃ ମୂଲ୍ୟାଙ୍କନ କରିବାର ପ୍ରକୃଷ୍ଟ ସମୟ ଅଟେ । ଆମେ ଯାହା ଉପଭୋଗ କରୁଛୁ, ତାହା ପ୍ରକୃତରେ ଈଶ୍ୱରଙ୍କଠାରୁ ଆସିଛି କି ନାହିଁ, ଏହା ଉପରେ ଆମକୁ ଚିନ୍ତା କରିବାକୁ ହେବ ।

ଦାଉଦ ଖୁସି ଓ ସନ୍ତୁଷ୍ଟ ଥିଲେ ଓ ଏହା ବିଶ୍ୱାସ କରୁଥିଲେ ଯେ ସେ କରିଥିବା ସମସ୍ତ ନିଷ୍ଠୁର ହତ୍ୟା ଈଶ୍ୱରଙ୍କୁ ସନ୍ତୁଷ୍ଟ କରିଥିଲା ଓ ତାଙ୍କ କାର୍ଯ୍ୟକୁ ଯଥାର୍ଥ ପ୍ରତିପାଦନ କରିଥିଲା । ଆଶ୍ଚର୍ଯ୍ୟଜନକ ଭାବରେ, ଏହି ସମୟ ମଧ୍ୟରେ, ଆମେ ଦାଉଦଙ୍କୁ କୌଣସି ଗୀତ ରଚନା କରିଥିବାର ଦେଖୁ ନାହୁଁ । ମୁଁ ବିଶ୍ୱାସ କରେ ଯେ ଏହା ଏପରି ଏକ ମନୋଭାବ ପାଇଁ ମୂଳଦୁଆ ସ୍ଥାପନ କରିଥିଲା ଯାହା ତାଙ୍କୁ ବିନା ଦ୍ୱିଧାରେ ହତ୍ୟା କରିବା ପାଇଁ ସୁଯୋଗ ଦେଇଥିଲା । ବାଇବଲ ଉଲ୍ଲେଖ କରିଛି, **"ପୁଣି ଦାଉଦ ସେହି ଦେଶ ନିବାସୀମାନଙ୍କୁ ଆଘାତ କରି ପୁରୁଷ ଓ ସ୍ତ୍ରୀ କାହାକୁ ହିଁ ଜୀବିତ ରଖନ୍ତି ନାହିଁ ଓ ମେଷ, ଗୋରୁ, ଗର୍ଦ୍ଦଭ, ଉଷ୍ଟ୍ର ଓ ବସ୍ତ୍ରାଦି ଲୁଟ କରି ... ଫେରି ଆସନ୍ତି"** (୧ ଶାମୁୟେଲ ୨୭:୯) ।

ଏହି ଆଚରଣ ତାଙ୍କୁ ଏକ ନିଷ୍ଠୁର ହତ୍ୟାକାରୀରେ ପରିଣତ କରିଥିଲା ଓ ଏହା ଫଳରେ ସେ ଅତି ସହଜରେ ବତ୍‌ଶେବାଙ୍କ ସ୍ୱାମୀ ଊରିୟଙ୍କ ହସ୍ତରେ ତାଙ୍କ ନିଜର ମୃତ୍ୟୁ ଦଣ୍ଡାଦେଶ ପ୍ରେରଣ କରିବା ଦ୍ୱାରା ତାଙ୍କୁ ହତ୍ୟା କରାଇଥିଲେ । ଦାଉଦ ନିଜ କାର୍ଯ୍ୟ ପାଇଁ କୌଣସି ଅନୁଶୋଚନା କରି ନ ଥିଲେ, କାରଣ ଏହି ମନୋଭାବର ବିହନ ବହୁବର୍ଷ ପୂର୍ବେ, ତାଙ୍କର ପାଲେଷ୍ଟାଇନ୍‌ରେ ରହଣି ସମୟରୁ ରୋପିତ ହୋଇଥିଲା ଓ ଏହା ଈଶ୍ୱରଙ୍କ ଉପସ୍ଥିତି ଓ ଇଚ୍ଛାରୁ ବହୁ ଦୂରରେ ଥିଲା ।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)


ନିହିମିୟା ବାଇବଲ
ସାଂଧ୍ୟ କଲେଜ

ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ

ମାଧ୍ୟମ ~ ତାମିଲ

REACHING NATIONS

ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ

ଥିଓଲୋଜିରେ ଡିପ୍ଲୋମା

ଶୀଘ୍ର ଆଡ୍‌ମିଶନ କରନ୍ତୁ !

Contact : The Chairman, Nehemiah Bible College.

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. **ଆହ୍ୱାନର ପ୍ରତିଧ୍ୱନି ମାସିକ ପତ୍ରିକା** (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୩. **ବାଇବଲ କୋର –** ମୌଳିକ ବାଇବଲ ପାଠ୍ୟକ୍ରମ (ଇଂରାଜୀ, ତାମିଲ, ହିନ୍ଦୀ ) ।
୪. ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୫. ନିହିମିୟା ବାଇବଲ ମହାବିଦ୍ୟାଳୟ (ଚେପକ୍, ସନ୍ତୋଷପୁରମ ଓ ଭେଲାଚେରୀ) ।
୬. ମହାଆଦେଶ ସାଥୀଗଣ (ପାଳକମାନେ) ।
୭. ତାଲିମ କାର୍ଯ୍ୟକ୍ରମ, ଅଧିବେଶନ ଓ ସଭା ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ (ଚେପକ) – ରବିବାର ସକାଳ ଘ. ୧୦.୩୦ ଓ (ଭେଲାଚେରୀ, ବାଲାଜୀନଗର ଓ ସନ୍ତୋଷପୂରମ) ରବିବାର ଅପରାହ୍ନ ୩.୦୦ ଘଟିକା ।
**୧୩. ପ୍ରାତଃ ଉପାସନା – ରବିବାର ସକାଳ ୫.୩୦ ।**
**୧୪. ପ୍ରାଥମିକ ସଭା – ରବିବାର ସକାଳ ଘ. ୮.୦୦ ।**
**୧୫. ତାମିଲ ଉପାସନା – ରବିବାର ସକାଳ ଘ. ୮.୩୦ ।**
**୧୬. ଯୁବ ସଭା – ରବିବାର ପୂର୍ବାହ୍ନ ଘ. ୧୧.୦୦ ।**
**୧୭. ସହଭାଗିତା ମଧାହ୍ନ ଭୋଜନ – ରବିବାର ଅପରାହ୍ନ ଘ. ୧.୦୦ ।**
**୧୮. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।**
**୧୯. ତେଲୁଗୁ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।**
**୨୦. ଇଂରାଜୀ ଓ ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ୬.୦୦ ଘଟିକା ।**
୨୧. ଉତ୍ସାହ ପ୍ରଦାନର ସମୟ – ରବିବାର ସନ୍ଧ୍ୟା ଘ.୭.୩୦ ମିନିଟ୍ ।
୨୨. ମହିଳାମାନଙ୍କର ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୩. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୪. ଶିଷ୍ୟତ୍ୱ ସଭା – ରବିବାର ସନ୍ଧ୍ୟା ଘ. ୬.୦୦ ଘଟିକା ।
୨୫. ଗୃହ ସଭା – ମଙ୍ଗଳବାର ଓ ଗୁରୁବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୬. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ୬.୦୦ ଘଟିକା ।
୨୭. ସେବକମାନଙ୍କର ସଭା – ପ୍ରଥମ ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୮. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୯. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୩୦. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୩୧. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୨. ଯୁବା / ପିଲାମାନଙ୍କ ପାଇଁ ପ୍ରାର୍ଥନା – ପ୍ରତିଦିନ ରାତ୍ର ୧୦ ଘଟିକା (ଫୋନ ମାଧ୍ୟମରେ) ।
୩୩. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୪. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ କେବଳ ଭାରତର ଛାତ୍ରମାନଙ୍କ ନିମନ୍ତେ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ–ଖ୍ରୀଷ୍ଟିଆନ ମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.

Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ–ମେଲ, ହ୍ୱାଟସ୍–ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ଆଶ୍ଚର୍ଯ୍ୟଜନକ ମାତ୍ର ସତ୍ୟ

ଥରେ ମୋତେ ଓ ମୋର ପୁଅକୁ ଗୋଟିଏ ବିଦେଶରେ ପ୍ରଭୁଙ୍କର ବାକ୍ୟ କହିବା ପାଇଁ ଆମନ୍ତ୍ରଣ କରାଗଲା । ଯେଉଁ ଭାଇ ଆମକୁ ନିମନ୍ତ୍ରଣ କରିଥିଲେ, ସେ ଆମର ଯାତ୍ରା ଖର୍ଚ୍ଚ ଦେବା ପାଇଁ ପ୍ରତିଜ୍ଞା କରିଥିଲେ । ପ୍ରଭୁ ଆମକୁ ଏହି ଦେଶକୁ କଢ଼ାଇ ଆଣିଥିଲେ ଓ ସେବାକାର୍ଯ୍ୟ ଅସାଧାରଣ ଭାବରେ ଭଲ ଚାଲିଥିଲା । ପ୍ରଭୁ ଶକ୍ତିପୂର୍ଣ୍ଣ ଭାବରେ କାର୍ଯ୍ୟ କରିଥିଲେ ଓ ନିଜ ନିମନ୍ତେ ଅନେକ ଆତ୍ମା ଲାଭ କରିଥିଲେ ।

ଯେତେବେଳେ ପ୍ରଚାର କାର୍ଯ୍ୟର ଦିନଗୁଡ଼ିକ ଶେଷ ହୋଇଗଲା, ସେତେବେଳେ ଆମେ ଫେରିବା ପାଇଁ ପ୍ରସ୍ତୁତ ହେଲୁ । କିନ୍ତୁ, ଯେଉଁ ଭାଇ ଆମକୁ ନିମନ୍ତ୍ରଣ କରିଥିଲେ, ସେ ଆମ ଯାତ୍ରା ଖର୍ଚ୍ଚ ବିଷୟରେ କରିଥିବା ପ୍ରତିଜ୍ଞା ରକ୍ଷା କରିବାକୁ ଅସମର୍ଥ ହେଲେ । ଏହି ଅନପେକ୍ଷିତ ମୋଡ଼ ଆମର ପରବର୍ତ୍ତୀ ଯାତ୍ରା ନିମନ୍ତେ ଏକ ଅସୁବିଧାଜନକ ଅର୍ଥ ସମସ୍ୟା ସୃଷ୍ଟି କରିଥିଲା । ତଥାପି, ଏହା ଏକ ଉଲ୍ଲେଖ ଯୋଗ୍ୟ ବିଷୟ ଥିଲା ଯେ ଏହି ଘଟଣା ଆମର ଶାନ୍ତି ଭଗ୍ନ କରି ନ ଥିଲା । ଧର୍ମଶାସ୍ତ୍ର ଆମକୁ ସ୍ମରଣ କରାଇ ଦେଇଛି, **"ଯେଉଁମାନେ ସଦାପ୍ରଭୁଙ୍କୁ ପ୍ରେମ (ଭୟ) କରନ୍ତି ... ସମସ୍ତ ଘଟଣା ମିଶି ସେମାନଙ୍କର ମଙ୍ଗଳ ନିମନ୍ତେ କାର୍ଯ୍ୟ କରେ ବୋଲି ଆମେ ଜାଣୁ"** (ରୋମୀୟ ୮:୨୮) । ଏହି ପଦ ଆମକୁ ସାନ୍ତ୍ୱନା ଦେଇଥିଲା ।

ଯଦିଓ ପରବର୍ତ୍ତୀ ସହର ପାଇଁ ବିମାନ ଟିକେଟ କିଣି ସାରିଥିଲୁ, ତଥାପି ଖାଦ୍ୟ କିଣିବା ପାଇଁ ଆମ ନିକଟରେ ଟଙ୍କା ନ ଥିଲା । ଆମେ ଯେଉଁ ଟିକଟ କିଣିଥିଲୁ, ତାହା ଶସ୍ତା ଥିବାରୁ, ବିମାନରେ ମାଗଣା ପାଣି ମଧ୍ୟ ମିଳୁ ନ ଥିଲା । ବିମାନ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଆମେ କ୍ଷୁଧା ଓ ତୃଷାକୁ ସହ୍ୟ କରି ନେଇଥିଲୁ ।

## ... କାରଣ ମନୁଷ୍ୟ ବାହ୍ୟରୂପ ଦେଖେ, ମାତ୍ର ସଦାପ୍ରଭୁ ଅନ୍ତଃକରଣ ଦେଖନ୍ତି – ୧ ଶାମୁୟେଲ ୧୬:୭

ଆଶ୍ଚର୍ଯ୍ୟଜନକ ଭାବରେ, ମୁଁ ଓ ମୋର ପୁଅ ଏହି ବିଷୟ ସମ୍ବନ୍ଧରେ କାହାରି ପ୍ରତି କୌଣସି ତିକ୍ତ ମନୋଭାବ ପୋଷଣ କରି ନ ଥିଲୁ । ଆମେ ସେହି ଭାଇଙ୍କୁ ଆଦୌ ଦୋଷ ଦେଇ ନ ଥିଲୁ ଯିଏ ପ୍ରତିଜ୍ଞା କରିଥିବା ଅର୍ଥ ଆମକୁ ଦେଇ ନ ଥିଲେ । ଆମେ ଉଭୟେ ଏହି ବିଷୟରେ ନୀରବ ରହିଥିଲୁ ଓ ଆମ ହୃଦୟରେ ଆଦୌ ବିଚଳିତ ହୋଇ ନ ଥିଲୁ । ଈଶ୍ୱରଙ୍କର ଗୌରବ ହେଉ !

ଆମେ ପରବର୍ତ୍ତୀ ସହରରେ ପହଞ୍ଚିବା ପରେ, ଈଶ୍ୱରଙ୍କ ସନ୍ତାନମାନେ ଆମକୁ ଉଷ୍ମ ସ୍ୱାଗତ ଜଣାଇଥିଲେ ଓ ଆମକୁ ଆମର ବିଶ୍ରାମର ସ୍ଥାନ ନିକଟକୁ ନେଇ ଅତି ଉତ୍ତମ ଭାବେ ଆମର ଯତ୍ନ ନେଇଥିଲେ ।

ତା'ପର ଦିନ, ଜଣେ ଭାଇ ଆମ ନିକଟକୁ ଆସିଲେ । ସେ ଆମ ସହିତ କିଛି ସମୟ ପାଇଁ କଥାବାର୍ତ୍ତା କଲେ ଓ ମୋ' ହାତରେ ଗୋଟିଏ ଲଫାପା ଦେଇ କହିଥିଲେ, **"ପାଷ୍ଟର, ଆପଣଙ୍କର ଜରୁରୀ ଖର୍ଚ୍ଚ ପାଇଁ ଆପଣଙ୍କୁ ଏହା ଦେବା ନିମନ୍ତେ ଈଶ୍ୱର ମୋତେ ନିର୍ଦ୍ଦେଶ ଦେଇଥିଲେ ।"** ଲଫାପା ଭିତରେ ଆମ ଯାତ୍ରା ଖର୍ଚ୍ଚଠାରୁ ଅଧିକ ଟଙ୍କା ଥିଲା । ଆମେ ଏହା ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଥିଲୁ । ସେହି ଭାଇ ଓ ତାଙ୍କର ମଣ୍ଡଳୀ ଆମର ଅତି ଉତ୍ତମ ବନ୍ଧୁରେ ପରିଣତ ହୋଇଥିଲେ । କେତେ ଚମତ୍କାର ବିଷୟ ! ଆମ ପାଖରେ କିଛି ନ ଥିଲା । ଈଶ୍ୱର ସେହିଦିନ ଠାରୁ ଏହିପରି ଭାବରେ ଆମକୁ ଚାଳନା ଦେଇ ଆସୁଛନ୍ତି ।

ପ୍ରିୟ ପାଠକ, ଆପଣ ମଧ୍ୟ କ'ଣ ଏହି ପ୍ରଭୁଙ୍କର ସେବା କରିବାକୁ ଇଚ୍ଛା କରିବେ ? **"ଯୁବା ସିଂହମାନଙ୍କର ଅଭାବ ଓ କ୍ଳେଶରୁ କ୍ଷୁଧା ହୁଏ, ମାତ୍ର ଯେଉଁମାନେ ସଦାପ୍ରଭୁଙ୍କର ଅନ୍ୱେଷଣ କରନ୍ତି, ସେମାନଙ୍କର କୌଣସି ମଙ୍ଗଳ ବିଷୟ ଅଭାବ ନୋହିବ"** (ଗୀତସଂହିତା ୩୪:୧୦) । **"ଆହେ, ସଦାପ୍ରଭୁ ଯେ ମଙ୍ଗଳମୟ, ଏହା ଆସ୍ୱାଦନ କରି ଦେଖ, ଯେ ତାହାଙ୍କର ଶରଣାଗତ, ସେ ଲୋକ ଧନ୍ୟ"** (ଗୀତସଂହିତା ୩୪:୮) ।

***

*(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)*

ଏପରିକି ସେ ଇସ୍ରାଏଲୀୟ ଓ ଶାଉଲଙ୍କ ବିରୁଦ୍ଧରେ ମଧ୍ୟ ଯୁଦ୍ଧ କରିବାକୁ ପଛଘୁଞ୍ଚା ଦେଇ ନ ଥିଲେ । ୨୯ ଅଧ୍ୟାୟରେ, ଆମେ ପଲେଷ୍ଟୀୟ ସେନାଧ୍ୟକ୍ଷକୁ ଏହା କହିବାର ଦେଖୁ, "ତୁମ୍ଭେ ସେ ଲୋକକୁ ଫେରାଇ ଦିଅ, ତୁମ୍ଭେ ତାହା ପାଇଁ ଯେଉଁ ସ୍ଥାନ ନିରୂପଣ କରିଅଛ, ସେ ଆପଣାର ସେହି ସ୍ଥାନକୁ ଫେରିଯାଉ, ସେ ଆମ୍ଭମାନଙ୍କ ସଙ୍ଗରେ ଯୁଦ୍ଧକୁ ଯିବ ନାହିଁ । କେଜାଣି ଯୁଦ୍ଧ ସମୟରେ ସେ ଆମ୍ଭମାନଙ୍କ ବିପକ୍ଷ ହୋଇ ପଡ଼ିବ ।" ଶେଷରେ ସେମାନେ ଦାଉଦଙ୍କୁ ଅଟକାଇ ଦେଇଥିଲେ ।

ଥରେ ଜଣେ ବ୍ୟକ୍ତି ଈଶ୍ୱରଙ୍କଠାରୁ ସ୍ଖଳିତ ହେବାର ଖସଡ଼ା ସ୍ଥାନରେ ଖସିବା ଆରମ୍ଭ କଲେ, ଶୀଘ୍ର କ୍ଷିପ୍ର ଗତିରେ ପତିତ ହୁଏ । ଦାଉଦ କ୍ଷିପ୍ରଗତିରେ ତଳକୁ ଖସୁଥିଲେ ।

ତାଙ୍କ କାର୍ଯ୍ୟର ପରିଣତି ଅତି ଶୋଚନୀୟ ଥିଲା, ସେ ଫେରିବା ପରେ ଏହା ଦେଖି ଆଘାତ ପାଇଥିଲେ ଯେ ତାଙ୍କର ସମସ୍ତ ବିଷୟ ଚାଲି ଯାଇଥିଲା ।

୧ ଶାମୁୟେଲ ୩୦:୧-୨ **"ଏଉତ୍ତାରେ ଦାଉଦ ଓ ତାଙ୍କର ଲୋକମାନେ ତୃତୀୟ ଦିନରେ ସିକ୍ଲଗ ନଗରରେ ଉପସ୍ଥିତ ହେଲେ, ସେ ସମୟକୁ ଅମାଲେକୀୟ ଲୋକମାନେ ଦକ୍ଷିଣାଞ୍ଚଳ ଓ ସିକ୍ଲଗ ଆକ୍ରମଣ କରିଥିଲେ ଓ ସିକ୍ଲଗକୁ ଆଘାତ କରି ଅଗ୍ନିରେ ଦଗ୍ଧ କରିଥିଲେ । ପୁଣି ତନ୍ମଧ୍ୟସ୍ଥିତ ସ୍ତ୍ରୀମାନଙ୍କୁ ଓ ସାନବଡ଼ ସମସ୍ତଙ୍କୁ ବନ୍ଦୀ କରି ନେଇ ଯାଇଥିଲେ, ସେମାନେ କାହାକୁ ବଧ ନ କରି ସମସ୍ତଙ୍କୁ ନେଇ ଆପଣା ପଥରେ ଚାଲି ଯାଇଥିଲେ ।"**

ଦାଉଦ ନିଜର ସ୍ତ୍ରୀମାନଙ୍କୁ ଓ ତାଙ୍କର ସେହି ଲୋକମାନଙ୍କର ଆନୁଗତ୍ୟକୁ ହରାଇ ଦେଇଥିଲେ ଯେଉଁମାନେ ପ୍ରତ୍ୟେକ ସ୍ଥାନରେ ତାଙ୍କ ସହିତ ରହି ତାଙ୍କର ସମସ୍ତ ଯୁଦ୍ଧରେ ଯୁଦ୍ଧ କରିଥିଲେ ।

୧ ଶାମୁୟେଲ ୩୦:୬ରେ ଲେଖାଅଛି : **"ଏଥିରେ ଦାଉଦ ଅତିଶୟ ଉଦ୍‌ବିଗ୍ନ ହେଲେ, କାରଣ ପ୍ରତ୍ୟେକ ଲୋକର ମନ ... ବିରକ୍ତ ହେବାରୁ**

**ଲୋକମାନେ ତାଙ୍କୁ ପଥରରେ ମାରିବାକୁ କହିଲେ ।''**

ଦାଉଦ ସଂପୂର୍ଣ୍ଣ ଭାବରେ ନିଃସଙ୍ଗ ଅନୁଭବ କରିଥିଲେ କାରଣ ପ୍ରତ୍ୟେକ ଲୋକ ତାଙ୍କ ବିରୁଦ୍ଧରେ ଉଠିଥିଲେ । ସେ ନିଜର ପରିବାର, ନିଜର କାର୍ଯ୍ୟ, ନିଜର ସଞ୍ଚୟ ଓ ନିଜର ଖ୍ୟାତି ହରାଇଥିଲେ – ସବୁ କିଛି ଗୋଟିଏ ରାତିରେ ହିଁ ଚାଲି ଯାଇଥିଲା । ତାଙ୍କ ନିଜ ଲୋକମାନେ ତାଙ୍କୁ ଆକ୍ରମଣ କରିବାକୁ, ଏପରିକି ହତ୍ୟା କରିବାକୁ ଇଚ୍ଛା କରୁଥିଲେ । ନିଜ ମନର କଥା କହିବା ପାଇଁ କିମ୍ବା ତାଙ୍କର ସମସ୍ୟା କିମ୍ବା ଅନୁଭବ ଜଣାଇବା ପାଇଁ ତାଙ୍କ ନିକଟରେ କେହି ନ ଥିଲେ ।

ଜଣେ ନେତା ହେବା, ପ୍ରାୟତଃ ଏକ ନିଃସଙ୍ଗତାର ଅନୁଭୂତି ଦେଇପାରେ । ଯେତେବେଳେ ପରିବେଶ ଅନୁକୂଳ ଥାଏ, ସେତେବେଳେ ନେତାମାନେ ପ୍ରଶଂସା ପାଆନ୍ତି, କିନ୍ତୁ, ଯେତେବେଳେ ବିଷୟଗୁଡ଼ିକ ପ୍ରତିକୂଳ ସ୍ଥିତିରେ ରହନ୍ତି, ସେତେବେଳେ ପ୍ରାୟତଃ, ସେମାନଙ୍କ ନିକଟରେ କେହି ନ ଥା'ନ୍ତି, ଯାହାଙ୍କ ସହିତ ସେମାନେ ସେମାନଙ୍କ ଅନ୍ତରର କଥା ପ୍ରକାଶ କରିପାରିବେ । ଅନ୍ୟମାନଙ୍କ ଭଳି, ଦାଉଦ ସବୁକିଛି ହରାଇଥିଲେ, ମାତ୍ର ନିଜର ହତାଶକୁ ପ୍ରକାଶ କରିବା ପାଇଁ କିମ୍ବା ନିଜର ଦୁଃଖ ନିମନ୍ତେ ଚିତ୍କାର କରିବା ପାଇଁ ତାଙ୍କ ପାଖରେ କୌଣସି ସ୍ଥାନ ନ ଥିଲା । ଆପଣ ତାଙ୍କର ମାନସିକ ଅବସ୍ଥାକୁ କଳ୍ପନା କରିପାରୁଛନ୍ତି କି ?

ବେଳେବେଳେ, ଆମେ ଏହା ବିଶ୍ୱାସ କରୁ ଯେ ଈଶ୍ୱରଙ୍କଠାରୁ ଦୂରେଇ ଯିବା ସ୍ୱାଭାବିକ ଅଟେ । କିନ୍ତୁ, ଈଶ୍ୱର, ପ୍ରାୟତଃ ଆମକୁ ଏକ ଲମ୍ବା ଦଉଡ଼ି ଦେଇଥାନ୍ତି କାରଣ ଆମ ନିମନ୍ତେ ତାଙ୍କ ପ୍ରେମ ଗଭୀର ଓ ଅମାପ ଅଟେ । ଏହା ଆମର ପାପ ଓ ଅବାଧ୍ୟତାର ଊର୍ଦ୍ଧ୍ୱକୁ ଉଠିଥାଏ । ସେଥିପାଇଁ, ସେ ସ୍ୱର୍ଗର ସବୁକିଛି ପରିତ୍ୟାଗ କରି, ଆମକୁ ଅନନ୍ତ ଜୀବନ ଦେବା ପାଇଁ ଏକ ସାଧାରଣ ମାନବ ରୂପ ଧାରଣ କରିଥିଲେ ।

**''ସେ ମନୁଷ୍ୟରୂପୀ ହେଲେ ହେଁ ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ, କିନ୍ତୁ ମନୁଷ୍ୟ ସଦୃଶ ହୋଇ ଦାସରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ ।**

**ପୁଣି, ମନୁଷ୍ୟଭାବରେ ଦେଖାଯାଇ, ମୃତ୍ୟୁ ପର୍ଯ୍ୟନ୍ତ, ହଁ କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ''** (ଫିଲିପ୍ପୀୟ ୨:୬–୮) ।

ସେ ଆମର ଅସ୍ତିତ୍ୱକୁ ଜୀବନ ଓ ଅର୍ଥ ଦେବା ପାଇଁ ଓ ଆମ ଜୀବନକୁ ଉଦ୍ଦେଶ୍ୟପୂର୍ଣ୍ଣ କରିବା ପାଇଁ କ୍ରୁଶରେ ମୃତ୍ୟୁବରଣ କରିଥିଲେ । ସେ ଆମକୁ ପୁରସ୍କୃତ କରିବା ପାଇଁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ଓ ଆମେ ଯେପରି ତାଙ୍କୁ ପ୍ରେମ କରିବୁ ଓ ତାଙ୍କ ସହିତ ଅନ୍ତରଙ୍ଗ ଭାବରେ ଗମନାଗମନ କରିବୁ, ଏହା କେବଳ ସେ ଇଚ୍ଛା କରନ୍ତି ।

ଦାଉଦ ସଦାପ୍ରଭୁଙ୍କଠାରେ ନିଜର ଶକ୍ତି ପାଇଥିଲେ ? ବାଇବଲ ଏହା ଉଲ୍ଲେଖ କରିଛି ଯେ ଦାଉଦ ଅତି ବିଷାଦଗ୍ରସ୍ତ ଥିଲେ କିନ୍ତୁ, ଏହା ମଧ୍ୟ ଉଲ୍ଲେଖ ଅଛି ଯେ ସେ ସଦାପ୍ରଭୁଙ୍କଠାରେ ନିଜକୁ ବଳବାନ୍ କରିଥିଲେ । ବାଃ ! ଶେଷରେ, ସେ ଈଶ୍ୱରଙ୍କଠାରୁ କେତେ ଦୂରକୁ ଚାଲି ଯାଇଥିଲେ, ଏହା ସେ ଉପଲବ୍ଧି କରିଥିଲେ । ସେ ନୂତନ ଶକ୍ତି ଫେରି ପାଇବା ପାଇଁ ଈଶ୍ୱରଙ୍କ ନିକଟକୁ ଫେରି ଆସିଥିଲେ । ଦାଉଦ ଏହା ଆବିଷ୍କାର କରିଥିଲେ ଯେ ଈଶ୍ୱର ତାଙ୍କର ଏକମାତ୍ର ଶକ୍ତିର ଉତ୍ସ ଅଟନ୍ତି ଓ ତାଙ୍କର ଅସହାୟ ଅବସ୍ଥାରେ ତାଙ୍କୁ ସାହାଯ୍ୟ କରିବା ପାଇଁ ସମର୍ଥ ଅଟନ୍ତି । ସେ ଏହା ବୁଝିଥିଲେ ଯେ ସେ ବିପଦ ସମୟରେ ନିକଟବର୍ତ୍ତୀ ସହାୟ ଅଟନ୍ତି । ଦାଉଦ ସଦାପ୍ରଭୁଙ୍କର ମୁଖ ଅନ୍ୱେଷଣ କରିଥିଲେ ଓ ଏହାପରେ କ'ଣ କରିବାକୁ ହେବ, ତାହା ତାଙ୍କୁ ପଚାରି, ଚାଳନା ନିମନ୍ତେ ତାଙ୍କର ମୁଖ ଅନ୍ୱେଷଣ କରିଥିଲେ । ଏହା ଦ୍ୱାରା ସେ ସର୍ବଶକ୍ତିମାନଙ୍କ ଉପରେ ନିଜର ନିର୍ଭରଶୀଳତାକୁ ପ୍ରଦର୍ଶନ କରିଥିଲେ । ଏହିଥର, ସେ ପ୍ରଭୁଙ୍କ ବଳରେ ଅଗ୍ରସର ହେବାକୁ ଇଚ୍ଛା କରିଥିଲେ ।

ଈଶ୍ୱର ବର୍ତ୍ତମାନ ହିଁ ଆମ କେତେ ଜଣଙ୍କୁ ତାଙ୍କ ନିକଟକୁ ଆସିବା ପାଇଁ ଓ ତାଙ୍କଠାରୁ ଶକ୍ତି, ଉତ୍ସାହ, କ୍ଷମା ଓ ମିଳନ ଗ୍ରହଣ କରି, ଏହାପରେ ଆମେ ଯେଉଁଠାରେ ରହିବା ପାଇଁ ଉଦ୍ଦିଷ୍ଟ, ସେହି ସ୍ଥାନକୁ ଫେରି ଯିବା ପାଇଁ ଆହ୍ୱାନ କରୁଛନ୍ତି ।

ଦାଉଦ ଈଶ୍ୱରଙ୍କ ହସ୍ତରେ ପଡ଼ିବା ପାଇଁ କୁଣ୍ଠା ପ୍ରକାଶ କରି ନ ଥିଲେ, ଆଉ ଆମେ ମଧ୍ୟ ସେହିପରି କରିବା ପାଇଁ କୁଣ୍ଠିତ ହେବା ନାହିଁ ।

ବାଇବଲ ଆମକୁ ଏହା କହିଛି ଯେ ଯେତେବେଳେ ଦାଉଦ ଈଶ୍ୱରଙ୍କ ନିକଟକୁ ଫେରି ଆସିଲେ (୧ ଶାମୁୟେଲ ୩୦:୧୮), ସେତେବେଳେ **''ଦାଉଦ ସେହି ସମସ୍ତ ବିଷୟକୁ ଉଦ୍ଧାର କରିଥିଲେ ।''** ସେ ହରାଇଥିବା ସମସ୍ତ ବିଷୟ, ଯଥା – ପରିବାର, ଅର୍ଥ, ଖ୍ୟାତି, ସମ୍ମାନ, ବନ୍ଧୁବର୍ଗ, ସଂପତ୍ତି ଓ ଧନ ଫେରି ପାଇଥିଲେ । ଏହା କଳ୍ପନା କରନ୍ତୁ ଯେ ଦାଉଦ କେବଳ ନିଜର ନୁହେଁ, ମାତ୍ର ତାଙ୍କର ସମସ୍ତ ଲୋକଙ୍କର ପ୍ରତ୍ୟେକ ବିଷୟକୁ ଫେରାଇ ଆଣିଥିଲେ । ଯେତେବେଳେ ଆମେ ତାଙ୍କଠାରେ ବିଶ୍ୱାସ କରୁ, ସେତେବେଳେ ଈଶ୍ୱର ଏପରି ଏକ ମାର୍ଗ ବାହାର କରିବେ ଯେଉଁଠାରେ କେହି ନ ଥିବା ଭଳି ମନେ ହେବ । ସେ ଅଲୌକିକ ଦ୍ୱାର ଉନ୍ମୁକ୍ତ କରିପାରନ୍ତି ।

ହୁଏତ ଆପଣ ନିଜକୁ ଦାଉଦଙ୍କ ପରିସ୍ଥିତିରେ ଦେଖନ୍ତି ଓ ଏପରି ଅନୁଭବ କରନ୍ତି ଯେପରିକି ଆପଣ ସବୁକିଛି ହରାଇ ଦେଇଛନ୍ତି ଓ ଫେରି ପାଇବା ସମ୍ଭବ କି ନାହିଁ ବୋଲି ଚିନ୍ତା କରୁଛନ୍ତି ଓ ଭାବୁଛନ୍ତି, ''ବାହାରିବାର କୌଣସି ମାର୍ଗ ଅଛି କି ନାହିଁ ? ଏଥିରେ ମୁଁ ସଂପୂର୍ଣ୍ଣ ଏକାକୀ ଅଟେ ।''

ପ୍ରିୟ ଭାଇ ଓ ଭଉଣୀମାନେ, ଏହା ମନେରଖନ୍ତୁ ଯେ ଆମେ ଏକାକୀ ନୁହଁ, ପିତାଙ୍କ ନିକଟକୁ ଦୌଡ଼ନ୍ତୁ ଓ ସେ ଆମର ମଙ୍ଗଳ ନିମନ୍ତେ ସମସ୍ତ ବିଷୟକୁ କାର୍ଯ୍ୟକାରୀ କରିବେ ।

ପ୍ରିୟ ବନ୍ଧୁଗଣ, ଦାଉଦଙ୍କ ଜୀବନରେ ତୀକ୍ଷ୍ଣ ପତନ ତାଙ୍କ ଚିନ୍ତାରୁ ଅଙ୍କୁରିତ ହୋଇଥିଲା, ସେଥିପାଇଁ ଆମେ ଯାହା ଚିନ୍ତା କରୁ, ସେହି ବିଷୟରେ ଯତ୍ନଶୀଳ ହେବା ଉଚିତ୍ । ତତ୍ ସଙ୍ଗେ ସଙ୍ଗେ ଏହା ସ୍ମରଣରେ ରଖନ୍ତୁ ଯେ ଆମର ଈଶ୍ୱର ଜଣେ ଦୟାଳୁ ପିତା ଅଟନ୍ତି ଓ ଆମେ ଯେପରି ତାଙ୍କ ନିକଟକୁ ଫେରି ଆସିବୁ, ସେଥିପାଇଁ ସେ ଅନନ୍ତକାଳୀନ ଉନ୍ମୁକ୍ତ ବାହୁ ସହିତ ଆପଣଙ୍କ ନିମନ୍ତେ ଓ ମୋ' ନିମନ୍ତେ ଅପେକ୍ଷା କରନ୍ତି ।

ଆପଣ ତାଙ୍କ ନିକଟକୁ ଆସିବେ କି ?

* * *

## ଦୟାକରି ଦୃଷ୍ଟି ଦିଅନ୍ତୁ

### ପାଳକ ଏସ୍.ସାମ୍. ସେଲ୍‌ଭାରାଜଙ୍କ ଆତ୍ମ ଜୀବନୀ

**ଆମେ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍‌ଙ୍କର ଆତ୍ମ ଜୀବନକୁ ପୁସ୍ତକ ଭାବରେ ପ୍ରକାଶ କରିବାର ଶେଷ ପର୍ଯ୍ୟାୟରେ ଅଛୁ । ଈଶ୍ୱର ପାଳକଙ୍କର ସେବାକାର୍ଯ୍ୟ ମାଧ୍ୟମରେ ଆପଣମାନଙ୍କ ଆତ୍ମିକ ଅଭିବୃଦ୍ଧି ଉପରେ କି ପ୍ରଭାବ ପକାଇଛନ୍ତି, ସେହି ବିଷୟରେ ୧୦ ଧାଡ଼ି ମଧ୍ୟରେ ଆପଣମାନଙ୍କର ସାକ୍ଷ୍ୟ ଆମକୁ ଜଣାନ୍ତୁ ବୋଲି ଅନୁରୋଧ କରୁଅଛୁ । ଏହା ସହିତ, ଯଦି ଆପଣମାନେ ଆତ୍ମ ଜୀବନୀରେ କୌଣସି ଫୋଟୋ ଅନ୍ତର୍ଭୁକ୍ତ କରିପାରିବେ, ତେବେ ଆମେ ଖୁସି ହେବୁ ।**

**ସମ୍ପାଦକ**

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ‘‘ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ ‘ଆହ୍ୱାନର ପ୍ରତିଧ୍ୱନି’ ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ‘‘ଆହ୍ୱାନର ପ୍ରତିଧ୍ୱନି’’ ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ‘‘ଆହ୍ୱାନର ପ୍ରତିଧ୍ୱନି’’ ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ‘‘ଆହ୍ୱାନର ପ୍ରତିଧ୍ୱନି’’ କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th OCTOBER 2024.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**